## ପୂର୍ବତନ ଲୋକସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ବିୟୋଗରେ

# ରାଜ୍ୟ ସଭାପତି ଏବଂ ବିଧାୟକ ଦଳ ନେତାଙ୍କ ଶୋକପ୍ରକାଶ

**ଭୁବନେଶ୍ୱର, ତା୧୩/୮ :** ଲୋକସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ଆଜି ୮୯ ବର୍ଷ ବୟସରେ କୋଲକାତାର ଏକ ହସପିଟାଲଠାରେ ନିଧନ ଘଟିଛି । ଜଣେ ପ୍ରଖ୍ୟାତ ଓକିଲ, ବୁଦ୍ଧିଜୀବି, ରାଜନୀତିଜ୍ଞ ଭାବେ ସୁପରିଚିତ ସ୍ୱର୍ଗତ ଚାଟାର୍ଜୀ ଲଗାତାର ୯ ଥର ଏବଂ ସର୍ବମୋଟ ୧୦ ଥର ପାଇଁ ପବିତ୍ର ଲୋକସଭାକୁ ନିର୍ବାଚିତ ହୋଇଥିଲେ । ସ୍ୱର୍ଗତ ଚାଟାର୍ଜୀ ୧୩ତମ ଲୋକସଭା ବାଚସ୍ପତି ଭାବେ ୨୦୦୪ ମସିହାରେ ଦାୟିତ୍ୱ ଗ୍ରହଣ କରିଥିଲେ ।

ସ୍ୱର୍ଗତ ଚାଟାର୍ଜୀଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ବରିଷ୍ଠ ନେତା ଦୁଃଖ ପ୍ରକାଶ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**